# Akashvani, Sambalpur

## SAMBALPURI NEWS BULLETIN

### 7 July 2024- 6.47- 6.52 am.

***********************************************

ଘୋଷଯାତ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଶ୍ରୀ ଜଗନ୍ନାଥ ମାହାପୁରୁଙ୍କର୍ ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରା ହେଉଛେ । ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ, ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ଆର୍ ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥକେ ଗଲାକାଏଲ୍‌ନୁ ସିଂହଦ୍ୱାର ସାମ୍ନାକେ ଅନାଯାଇଛେ । ଇ ବଛର୍ ତିଥିକ୍ଷୟ ହେଉଥିବାର୍‌ନୁ ଆଏଜ୍ ଶ୍ରୀଗୁଣ୍ଡିଚା ଦିନ ହିଁ ଶ୍ରୀବିଗ୍ରହଙ୍କର୍ ନବଯୌବନ ଆଉ ନେତ୍ରୋତ୍ସବ୍ ଭିଲ୍ ହେଉଛେ । ହେଥିର୍‌ଲାଗି ଇଥର ଶ୍ରୀବିଗ୍ରହଙ୍କର୍‌ଠାନୁ ରଥଖଲାକେ ଆଜ୍ଞାମାଳ ନାଇଁ ଆସିକରି ପଟିଦିଅଁଙ୍କର୍ ପାଖୁ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ତିନ୍‌ହି ରଥକେ ବିଜେ କରେଇଥିଲେ । ସୂଚ୍‌ନା ଅନ୍‌ସାରେ ଦିହିପହରର୍ ୧ ବଜେ ମାହାପୁରୁମାନ୍‌କର୍ ପହଣ୍ଡି, ୪ ବଜେ ଗଜପତି ମହାରାଜ୍‌ଙ୍କର୍ ଛେରାପହଁରା ନୀତି ଆର୍  ୫ ବଜାତକ୍ ରଥ୍‌ଘିଚା ମୁଲ୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ରାଷ୍ଟ୍ରପତି

ଦ୍ରୌପଦୀ ମୁର୍ମୁ ରଥାରୁଢ଼ ମାହାପୁରୁମାନ୍‌କୁ ଦର୍ଶନ୍ କଲା ଉତ୍‌ରୁ ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥ ଘିଚ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ସଂସଦର ବଜେଟ୍ ଅଧିବେଶନ ଆର୍‌ଏନ୍‌ୟୁ /ସମ୍ବଲପୁର

ସଂସଦର ବଜେଟ୍ ଅଧିବେଶନ୍ ଆଏବା ୨୨ ତାରିଖ୍‌ନୁ ମୁଲ୍ ହେଇକରି ଅଗଷ୍ଟ ମାସର୍ ୧୨ ତାରିଖ୍‌ତକ୍ ଚାଲ୍‌ବା ବଲି କେନ୍ଦ୍ର ସଂସଦୀୟ ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ଆଏବା ୨୨ ତାରିଖ୍ ଦିନ ଲୋକ୍‌ସଭା ଆର୍ ରାଜ୍ୟସଭାର୍ ଅଧିବେଶନ୍ ଡକାବାର୍ ଲାଗି ସର୍‌କାର୍‌ଙ୍କର୍ ପ୍ରସ୍ତାବ୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ୍ କରିଛନ୍ । ଆଏବା ୨୩ ତାରିଖ୍ ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଲୋକ୍‌ସଭା ନ ୨୦୨୪-୨୫ ଆର୍ଥିକ୍ ବଛର୍‌ର ବଜେଟ୍ ଉପସ୍ଥାପନ୍ କର୍‌ବେ । ସେ ଲଗାତାର୍ ୭ ନମ୍ବର୍ ଥର୍ ଲାଗି ବଜେଟ୍ ଆନିକରି ରେକର୍ଡ଼ ଭିଲ୍ କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଫି' ମାସର୍ ଫେବୃଆରୀ ମାସେ କେନ୍ଦ୍ରୀୟ ବଜେଟ୍ ଆଏସି, ହେଲେ ଇ ବଛର୍ ସାଧାରଣ ନିର୍ବାଚନ୍ ଲାଗି

ଗଲା ଫେବୃଆରୀ ମାସେ ଅନ୍ତରିଣ ବଜେଟ୍ ଆସିଥିଲା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୩ ନମ୍ବର୍ ପାଲିର୍ ଇଟା ପହେଲା ବଜେଟ୍ ହେବା ।

ରାଷ୍ଟ୍ରପତି- ପଣ୍ଡିତ ଗୋପବନ୍ଧୁ ଦାସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ପଣ୍ଡିତ ଗୋପବନ୍ଧୁ ଦାସଙ୍କର୍ ସର୍ବଭାରତୀୟ ଚିନ୍ତାଧାରାନୁ ଆମେ ପ୍ରେରଣା ନେବାର୍ ଉଚିତ୍ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ଜୟଦେବ୍ ଭବନ୍ ନ ଲୋକ୍‌ସେବକ୍ ମଣ୍ଡଲ୍ ଆର୍ ସମାଜ୍ ପରିବାର୍ ତର୍‌ଫୁ ହେଇଥିବା ପଣ୍ଡିତ ଗୋପବନ୍ଧୁଙ୍କର୍ ୯୬ ତମ ଶ୍ରାଦ୍ଧବାର୍ଷିକୀ ସମାରୋହଥି ଯୋଗ୍ ଦେଇକରି ରାଷ୍ଟ୍ରପତି କହିଥିଲେ, ଗୁଟେ ମୁନୁଷ୍ କେତେ ଦିନ୍ ଜିଇଁବା ହେଟା ବଡ଼ କଥା ନୁହେସେ, ସେ କେନ୍ତା ହିସାବେ ଜୀବନ୍ ଜୀଇଁଛେ- ହେଟାହିଁ ଜହ ଗୁରୁତ୍ୱପୂର୍ଣ୍ଣ । ସମାଜ୍ ଆଉ ଦେଶ୍ ଲାଗି ଅବଦାନ୍‌କେ ଆଧାର୍ କରିକରି ଗୁଟେ ମୁନୁଷ୍‌ର ଖ୍ୟାତିର୍ ମୂଲ୍ୟାଙ୍କନ୍ କରାଯାଏସି । ପଣ୍ଡିତ୍ ଗୋପବନ୍ଧୁ ଦାସ୍ ତାକର୍ କମ୍ ଦିନର୍ ଜୀବନ୍‌କାଲ୍ ଭିତ୍‌ରେ କେତେଯେ ଭଲ୍ କାମ୍ କରିଛନ୍ ହେଟା ଭାବ୍‌ଲେ ଆଶ୍ଚରିଜ୍ ଲାଗୁଛେ ବଲି ରାଷ୍ଟ୍ରପତି

କହିଥିଲେ । ସମାଜ୍‌ସେବା, ସାହିତ୍ୟ, ଶିକ୍ଷା ଆର୍ ସାମ୍ବାଦିକତା କ୍ଷେତ୍ର ନ ପଣ୍ଡିତ ଗୋପବନ୍ଧୁଙ୍କର୍ ଅବଦାନ୍ କେବେବି ଭୁଲି ନାଇଁ ହୁଏ ବଲି ରାଷ୍ଟ୍ରପତି କହେବାର୍ ସଙ୍ଗେ ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ରାଷ୍ଟ୍ରପତିଙ୍କର୍ ସଙ୍ଗେ ସମାରୋହଥି ରାଜ୍ୟପାଲ୍ ରଘୁବର୍ ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଯୋଗ୍ ଦେଇଥିଲେ ।

ରାଷ୍ଟ୍ରପତି- ଓଡ଼ିଶାଗସ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାକର୍ ଇ ୪ ଦିନିଆ ଓଡ଼ିଶା ଗସ୍ତଥି ଆଏଜ୍ ପୁରୀ ନ ଗୁଣ୍ଡିଚା ଯାତ୍ରାଥି ସାମିଲ୍ ହେବେ । ସେ ଆଏବାକାଏଲ୍‌ଖଣ୍ଡିଗରି ଆଉ ଉଦୟଗିରି ଗୁମ୍ଫା ପରିଦର୍ଶନ୍ କର୍‌ବାର୍ ସହେତେ ବିଭୂତି କାନୁନ୍‌ଗୋ କଲା ଆଉ ହସ୍ତଶିଳ୍ପ ମହାବିଦ୍ୟାଳୟ ଆର୍ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଯାଇକରି ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ମତ ବିନିମୟ କର୍‌ବେ । ରାଷ୍ଟପ୍ରତି ଭୁବ୍‌ନେଶ୍ୱର୍ ପାଖର୍ ହରିଡ଼ାମଡ଼ା ଗାଁ ନ ବ୍ରହ୍ମକୁମାରୀ ଅନୁଷ୍ଠାନ୍ ତରଫୁ ତିଆର୍ ହେଇଥିବା ଦିବ୍ୟ ରିଟ୍ରିଟ୍ କେନ୍ଦ୍ରକେ ଉଦ୍‌ଘାଟନ୍ କର୍‌ବେ । ଆଏବା ୯ ତାରିଖ୍ ଓଡ଼ିଶାଗସ୍ତର୍ ଶେଷ୍ ଦିନ

ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍‌ର ନାଇଜର୍‌ର ୧୩ ନମ୍ବର୍ ସ୍ନାତକ ସମାରୋହଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଜ୍ୟ-ଶୀତଲ୍‌ଭଣ୍ଡାର୍ ଥାପ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ସବ୍-ଡିଭିଜନ୍ ନ ଶୀତଲ୍‌ଭଣ୍ଡାର୍ ଥାପ୍‌ନା ହେବା ଆର୍ ପହେଲାଖେପେ ୫୮ ଟା ସବ୍‌ଡିଭିଜନ୍‌ଥି ଶୀତଲ୍‌ଭଣ୍ଡାର୍ ଥାପ୍‌ନା ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଭିନ୍ ଭିନ୍ ଚାଷୀ ସଂଗଠନ୍ ସାଙ୍ଗେ ଆଲୋଚନା ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ । ଯୋଗ୍ୟତା ଥିଲେ ଭିଲ୍ ଯେନ୍ ଚାଷୀମାନେ ପି.ଏମ୍. କିଷାନ୍ ଯୋଜ୍‌ନାନୁ ଛାଡ଼୍ ହେଇଛନ୍ ସେମାନ୍‌କୁ ଯୋଜ୍‌ନାଥି ସାମିଲ୍ କରାଯିବା । ରାଜ୍ୟ ସର୍‌କାର୍ ଚାଷୀମାନ୍‌କୁ ଚାଷ୍ ମୁଲ୍ କର୍‌ବାର୍‌ନୁ ଫସଲ୍ ବିକ୍ରିତକ୍ ସବୁ ସ୍ତର ନ ସାହାଜ୍ କର୍‌ବାର୍‌କେ ସମୃଦ୍ଧ କୃଷକ୍ ନୀତି ପ୍ରସ୍ତୁତ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟ ସର୍‌କାର୍ ଧାନର୍ ସହାୟକ୍ ମୂଲ୍ୟ କୁଇଂଟାଲ୍‌କ ୩୧ ଶହ ଟଙ୍କା କର୍‌ବାର୍‌କେ ନିଷ୍ପତି ନେଇଥିବାର୍‌ନୁ ବୈଠକ୍‌ଥି ଯୋଗ୍ ଦେଇଥିବା ଚାଷୀ ସଂଗଠନ୍‌ମାନ୍‌କର୍ ତର୍‌ଫୁ ମୁଖ୍ୟମନ୍ତ୍ରୀଙ୍କୁ

ଧନ୍ୟବାଦ ଜନାଯାଇଥିବାର୍ ବେଲେ କୃଷି ବିଭାଗ୍‌ର ଦାୟିତ୍ୱଥି ଥିବା ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ କୃଷି ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଅରବିନ୍ଦ ପାଢ଼ୀ ଭିଲ୍ ଆଲୋଚନାଥି ଭାଗ୍ ନେଇଥିଲେ ।

ରଥଯାତ୍ରା-ଛୁଟି ଆର୍‌ଏନ୍‌ୟୁ / ସମ୍ବଲପୁର

ଇ ବଛର୍ ଜଗନ୍ନାଥ ମାହାପୁରୁଙ୍କର୍ ଗୁଣ୍ଡିଚା ଯାତ୍ରା ୨ ଦିନ୍ ଧରିକରି ହେଉଥିବାର୍‌ନୁ ରାଜ୍ୟ ସର୍‌କାର୍ ୨ ଦିନ୍ ଛୁଟି ଘୋଷ୍‌ନା କରିଛନ୍ । ଆଏବା କାଏଲ୍ ସୋମ୍‌ବାର୍ ଦିନ ରାଜ୍ୟର୍ ସବୁ ସର୍‌କାରୀ ଅନୁଷ୍ଠାନ୍ ସଙ୍ଗେ ସର୍‌କାରୀ ଆର୍ ଘରୋଇ ସ୍କୁଲ୍, କଲେଜ୍ ଆର୍ ବିଶ୍ୱବିଦ୍ୟାଲୟ ବନ୍ଦ୍ ରହେବା । ହେଥିର୍‌ଲାଗି ଆଏବା କାଏଲ୍ ହେବାର୍‌କେ ଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା-ସିପିଇଟି କେ ଆଏବା ୧୫ ତାରିଖ୍‌କେ ଘୁଚାଯାଇଛେ ବଲି ଷ୍ଟାଫ୍ ସିଲେକ୍ସନ୍ ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ହେଲେ ୮ ତାରିଖ୍ ଦିନ ଯେନ୍ ଯେନ୍ ବିଷୟ ପରୀକ୍ଷା ଯେନ୍ ସିଟିଂଥି ଥିଲା ସେ ଅନ୍‌ସାରେ ୧୫ ତାରିଖ୍ ପରୀକ୍ଷା ହେବା ବଲି କୁହାଯାଇଛେ । ଇ ବାବଦ୍ ଅଏତ୍‌କା ସୂଚ୍‌ନା ସାମ୍ବ ୱେବ୍‌ସାଇଟ୍ ଆର୍ ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ଥି ଅଛେ ।

ସମ୍ପୂର୍ଣ୍ଣତା ଅଭିଯାନ        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନାକଟିଦେଉଲ୍ ବ୍ଲକ୍ ପରିସର କାର୍ଯ୍ୟାଳୟ ନ ଗଲାକାଏଲ୍ ବ୍ଲକ୍‌ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ୍ ହେଇଯାଇଛେ । ହେଥି ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ଦେଶର୍ ଦୁର୍ଗମ୍ ଆର୍ କମ୍ ବିକଶିତ୍ ବ୍ଲକ୍ ମାନ୍‌କେ ଲୁକଙ୍କର୍ ଜୀବନ୍‌ର ଗୁଣବତା ବଢ଼ାବାର୍ ସଙ୍ଗେ ସେବା ଯୁଗେଇ ଦେବାର୍ ଲାଗି ପ୍ରଶାସନ୍‌ଥି ଉନ୍ନତି ଆନ୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଲ୍ କରିଥିବା ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଦେଶର୍ ୫ ଶହ  ଆର୍ ଓଡ଼ିଶାର୍ ୨୯ ଟା ବ୍ଲକ୍ ନ ସମ୍ପୂର୍ଣ୍ଣତା ଅଭିଯାନ୍ ଚାଲିଛେ । ସେଥି ସମ୍ବଲ୍‌ପୁର୍ ଜିଲ୍ଲା  ନାକଟିଦେଉଲ୍ ବ୍ଲକ୍ ସାମିଲ୍ ଅଛେ ।